# Akashvani, Sambalpur

## SAMBALPURI NEWS EVENING BULLETIN

## 24 March 2026-7.02- 7.12 pm.

---

୧- ପଶ୍ଚିମ ଏସିଆ ନ ଶାନ୍ତି ଥାପ୍‌ନା ଲାଗି କୁଟନୀତି ଆଉ ଆଲୋଚନା କେ ଭାରତ୍ ଜୋର୍ ଦେଇଆସୁଛେ କହେଲେ ପ୍ରଧାନ୍‌ମନ୍ତ୍ରୀ ।

୨- ବିଧାନ୍‌ସଭା ନ ଆଏଜ୍ ରାଜସ୍ୱ ଆଉ ଶ୍ରମ ବିଭାଗ୍‌ର ଖର୍ଚ୍ଚା ଦାବି ଉପ୍‌ରେ ଚାଲିଛେ ଆଲୋଚନା ।

୩- ଓଡ଼ିଶା ନ ଜଲ୍‌ଜୀବନ୍ ମିଶନ୍ ୨ ନମ୍ବର୍ ଖେପ୍ କାର୍ଯ୍ୟକାରିତା ଲାଗି କେନ୍ଦ୍ର ଜଳଶକ୍ତି ମନ୍ତ୍ରଣାଳୟ ଆଉ ରାଜ୍ୟ ସର୍‌କାର୍‌ଙ୍କର୍ ଭିତ୍‌ରେ ହେଲା ବୁଝାମଣାପତ୍ର ସ୍ୱାକ୍ଷରିତ୍ ।

୪- ଇ ବଛର୍ ଭିଲ୍ ଅପରିବର୍ତ୍ତିତ୍ ରହେଲା ଖୁଚୁରା ବିଜ୍‌ଲି ବିଲ୍ ।

ଆଉର୍

୫- ବୁର୍ଲା ଭୀମ୍‌ସାର୍ ନ ଅଗ୍ନି ନିରାପତା ଲାଗି ବେଭାର୍ ହେବା କୃତ୍ରିମ ବୁଦ୍ଧିମତା ଅଗ୍ନିଶମ ସେବା ମହାନିର୍ଦ୍ଦେଶକଙ୍କର୍ ସୂଚ୍‌ନା ।

ପ୍ରଧାନ୍‌ମନ୍ତ୍ରୀ-ରାଜ୍ୟସଭା ଏନ୍‌ଏସ୍‌ଡି

ପର୍ଶ୍ଚିମ ଏସିଆ ନ ଶାନ୍ତି ଥାପ୍‌ନା ଲାଗି କୁଟନୀତି ଆଉ ଆଲୋଚନା କେ ଭାରତ୍ ଜୋର୍ ଦେଇଆସୁଛେ ବଲି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ପର୍ଶ୍ଚିମ ଏସିଆ ନ ଲାଗି ରହିଥିବା ସଂଘର୍ଷ ଆଉ ଇଥିର୍‌ଲାଗି ଭାରତ୍ ନ ଦେଖାଦେଇଥିବା ଥିତିକେ ନେଇକରି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ରାଜ୍ୟସଭା ନ ବକ୍ତବ୍ୟ ରଖିକରି କହିଛନ୍, ଉପସାଗରୀୟ କ୍ଷେତ୍ର ଦେଇକରି ଯା'ଆସ୍ କରୁଥିବା ଜାହାଜ୍ ମାନ୍‌କର୍ ଲାଗି ହର୍‌ମୁଜ୍ ପ୍ରଣାଲୀକେ ଖୁଲ୍‌ବାର୍ ଲାଗି ଭାରତ୍ ସବୁବେଲେ ଦାବି କରୁଛେ । ଭାରତ୍‌କେ ନିରବଚ୍ଛିନ୍ନ ଭାବେ ଗେସ୍, ପେଟ୍ରୋଲ୍, ଡିଜେଲ୍ ଆଉ ସାର୍ ବାଗିର୍ ଦରବ୍ ପୁହୁଁଚାବାର୍ ଲାଗି ହର୍‌ମୁଜ୍ ପ୍ରଣାଲୀ ଖୁଲ୍‌ବାର୍‌ଟା ବହୁତ୍ ଜରୁରୀ ଆଏ । ପର୍ଶ୍ଚିମ ଏସିଆ ନ ଶାନ୍ତି ଥାପ୍‌ନା ଲାଗି ଭାରତୀୟ ସଂସଦ୍‌ନୁ ମିଲିତ୍ ସୁର୍ ଉଠ୍‌ବାର୍ କଥା ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।

ବିଧାନ୍‌ସଭା ଆର୍‌ଏନ୍‌ୟୁ/ ସମ୍ବଲପୁର

ବିଧାନ୍‌ସଭା ବଜେଟ୍ ଅଧିବେଶନ୍ ୨ ନମ୍ବର୍ ଖେପ୍‌ର ୧୨ ନମ୍ବର୍ ଦିନେ ଆଏଜ୍ ଭିଲ୍ କଟକ୍ ଏସ୍‌ସିବି ମେଡ଼ିକାଲ୍ ଅଗ୍ନିକାଣ୍ଡ ଘଟ୍‌ନାକେ ନେଇକରି ଗୃହ କାର୍ଯ୍ୟ ପ୍ରଭାବିତ୍ ହେଇଥିଲା । ବିରୋଧୀ ବିଜେଡ଼ି ଆଉ କଂଗ୍ରେସ୍ ସଦସ୍ୟମାନ୍‌କର୍ ହୋହଲ୍ଲା ଲାଗି ପ୍ରଶ୍ନକାଳ ଆଉ ଶୂନ୍ୟକାଳ ବାଧାପ୍ରାପ୍ତ ହେଇଥିଲା । ବିରୋଧୀମାନ୍‌କର୍ କିର୍ଲାଗଗା ଲାଗି ଆଏଜ୍ ଭିଲ୍ ବାଚସ୍ପତି ସୁରମା ପାଢ଼ୀ ଗୃହକେ ବାର୍‌ବାର୍ ମୁଲ୍‌ତବୀ କରିଥିଲେ । ବିରୋଧୀଙ୍କର୍ ହୋହଲ୍ଲା ଭିତ୍‌ରେ ଆଏଜ୍ ଗୃହ ନ ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ବିଭାଗ୍ ଆଉ ଶ୍ରମ ବିଭାଗ୍‌ର ଖର୍ଚ୍ଚା ଦାବି ଉପ୍‌ରେ ଆଲୋଚନା ଚାଲିଛେ । ମନ୍ତ୍ରୀ ସୁରେଶ୍ ପୂଜାରୀ ୨୦୨୬-୨୭ ଆର୍ଥିକ୍ ବଛ୍‌ରେ ରାଜସ୍ୱ ବିଭାଗ୍‌ର ୨ ହଜାର୍ ୨ ଶହ ୭୧ କୋଟି ୩୩ ଲାଖ୍ ୪୮ ହଜାର୍ ଟଙ୍କାର୍ ଖର୍ଚ୍ଚା ଦାବି ଉପସ୍ଥାପନ୍ କରିଛନ୍ ।

ବିଧାନ୍‌ସଭା- ଜଙ୍ଗଲ୍ ମନ୍ତ୍ରୀ-୧ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ଗଲା ୨ ବଛର୍ ଭିତ୍‌ରେ ଭିନ୍ ଭିନ୍ ବନୀକରଣ୍ ଯୋଜ୍‌ନାଥି ୪ କୋଟି ୩୬ ଲାଖ୍ ୭୩ ହଜାର୍

ଗଛ୍ ଜଗାଯାଇଛେ ବଲି ଜଙ୍ଗଲ୍ ଆଉ ପରିବେଶ୍ ମନ୍ତ୍ରୀ ଗଣେଶ୍ ରାମ୍ ସିଂ ଖୁଂଟିଆ କହିଛନ୍ । ଆଏଜ୍ ବିଧାନ୍‌ସଭା ନ ବିଧାୟକ୍ ଶାରଦା ପ୍ରସାଦ୍ ନାୟକଙ୍କର୍ ପ୍ରଶ୍ନର୍ ଉତର୍‌ଥି ମନ୍ତ୍ରୀ ଶ୍ରୀ ଖୁଂଟିଆ କହିଛନ୍, ଜଗା ଯାଇଥିବା ଗଛ୍ ମାନ୍‌କର୍ ଦେଖ୍‌ରେଖ୍ ବନ ବିଭାଗ୍ ତର୍‌ଫୁ କରାଯାଉଛେ । ଇଥିର୍‌ଲାଗି ୨୦୨୩-୨୪ ଆର୍ଥିକ୍ ବଛ୍‌ରେ ୨ ଶହ କୋଟି ଆଉ ୨୦୨୪-୨୫ ଆର୍ଥିକ୍ ବଛ୍‌ରେ ଦେଢ୍‌ଶହ କୋଟିନୁ ଅଏତ୍‌କା ଟଙ୍କା ଖର୍ଚ୍ଚା କରାଯାଇଛେ । ଗଲା ୫ ବଛର୍ ଭିତ୍‌ରେ ସାରାରାଏଜେ ଖଣି ଆଉ ଶିଳ୍ପ କାର୍‌ଖାନା ଲାଗି ୧୨ ହଜାର୍ ୭ ଶହ ୬୯ ହେକ୍ଟର୍ ଜଙ୍ଗଲ୍ ଜମି ବଢ଼ିଛେ । ଇଥି ୩ ଲାଖ୍ ୭୨ ହଜାର୍ ୪ ଶହ ୧୮ ଟା ଗଛ୍ ଜଗାଯାଇଛେ ବଲି ଜଙ୍ଗଲ୍ ବିଭାଗ୍ ମନ୍ତ୍ରୀ କହିଛନ୍ । ମନ୍ତ୍ରୀ ଆହୁରି କହିଛନ୍, ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଜଙ୍ଗଲ୍ ନିଆଁ ରୁକ୍‌ବାର୍ ଲାଗି ସର୍‌କାର୍‌ଙ୍କର୍ ତର୍‌ଫୁ ବହୁତ୍‌ଟେ ପଦକ୍ଷେପ୍ ନିଆଯାଉଛେ । ଜଙ୍ଗଲ୍‌ର ଭିତ୍‌ରିଆ ଆଉ ସିମ୍‌ନା ଇଲାକାମାନ୍‌କେ ଅଗ୍ନି ପ୍ରଶମନ ରେଖା ତିଆର୍ କରାଯାଇଛେ । ଇତାର୍‌ସହେତେ ବନାଗ୍ନି ଅବରୋଧ ପ୍ରଶିକ୍ଷିତ ଦଲ୍ ଗଠନ୍ କରାଯାଇଛେ । ଜଙ୍ଗଲ୍ ନିଆଁ ରୁକ୍‌ବାର୍ ଲାଗି ୨ ଶହ ୬୧ ଟା ଗାଡ଼ି ୧ ହଜାର୍ ୩୭ ଟା ଅଗ୍ନି ନିର୍ବାପକ ଉପକରଣ ଆଉ ଭର୍‌ପୁର୍ ପରିମାଣ୍‌ଥି ଅଗ୍ନି ସୁରକ୍ଷା କିଟ୍

ଯୁଗେଇ ଦିଆଯାଇଛେ । ଠିକ୍ ସମିଆଥି ଜଙ୍ଗଲ୍ ନିଆଁକେ ଠାବ୍ କର୍‌ବାର୍ ଲାଗି ଶିମିଲିପାଲ୍ ନ କୃତ୍ରିମ ବୁଦ୍ଧିମତା କେମ୍‌ରା ଲଗାଯାଇଛେ ବଲି ମନ୍ତ୍ରୀ ଶ୍ରୀ ଖୁଂଟିଆ କହିଛନ୍ ।

ବିଧାନ୍‌ସଭା- ଜଙ୍ଗଲ୍ ମନ୍ତ୍ରୀ-୨ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଜ୍ୟର୍ ସମୁଦ୍ର ଖଁଡ଼ି ଜିଲ୍ଲାମାନ୍‌କେ ପ୍ରାକୃତିକ ବିପର୍ଯ୍ୟୟର୍ ମୁକାବିଲା ଲାଗି ଗଲା ୨ ବଛର୍ ଭିତ୍‌ରେ ୫ ଶହ ୮୦ ହେକ୍ଟର୍ ଇଲାକା ନ ହେନ୍ତାଳ ବନ ସୃଷ୍ଟି କରାଯାଇଛେ ବଲି ଜଙ୍ଗଲ୍ ଆଉ ପରିବେଶ୍ ମନ୍ତ୍ରୀ ଗଣେଶ୍ ରାମ୍ ସିଂ ଖୁଂଟିଆ ଗୃହକେ ସୂଚ୍‌ନା ଦେଇଛନ୍ । ମନ୍ତ୍ରୀ କହିଛନ୍, ୨୦୨୪-୨୫ ଆର୍ଥିକ୍ ବଛ୍‌ରେ ୩ ଶହ ୯୧ ହେକ୍ଟର୍ ଆଉ ୨୦୨୫-୨୬ ଆର୍ଥିକ୍ ବଛ୍‌ରେ ଶହେ ୮୯ ହେକ୍ଟର୍ ହେନ୍ତାଳବନ ସୃଷ୍ଟି କରାଯାଇଛେ । ୨ ବଛର୍ ଭିତ୍‌ରେ ରାଜନଗର୍‌ନୁ ସବୁନୁ ଜହ ୩ ଶହ ୧୪ ହେକ୍ଟର୍, ବାଲେଶ୍ୱର୍ ନ ଶହେ ୬୫ ଆଉ ଭଦ୍ରକ୍ ଜିଲ୍ଲା ନ ୫୫ ହେକ୍ଟର୍ ହେନ୍ତାଳବନ ସୃଷ୍ଟି କରାଯାଇଛେ ବଲି ମନ୍ତ୍ରୀ ଶ୍ରୀ ଖୁଂଟିଆ କହିଛନ୍ ।

ମୁଖ୍ୟମନ୍ତ୍ରୀ-ଜଳଜୀବନ୍ ମିଶନ୍ ଏମ୍ଓୟୁ ସିଏମ୍ଓ

ଓଡ଼ିଶା ନ ଜଲ୍ଜୀବନ୍ ମିଶନ୍ ୨ ନମ୍ବର୍ ଖେପ୍ର କାର୍ଯ୍ୟକାରିତା ଲାଗି କେନ୍ଦ୍ର ଜଳଶକ୍ତି ମନ୍ତ୍ରଣାଳୟ ଆଉ ରାଜ୍ୟ ସର୍କାର୍ଙ୍କର୍ ଭିତ୍ରେ ଗୁଟେ ବୁଝାମଣାପତ୍ର ସ୍ୱାକ୍ଷରିତ୍ ହେଇଛେ । ନୂଆଦିଲ୍ଲୀ ନ ହେଇଥିବା ବୁଝାମଣାପତ୍ର ସ୍ୱାକ୍ଷର୍ କାର୍ଯ୍ୟକ୍ରମ୍ଥି ଭୁବ୍ନେଶ୍ୱର୍ ଲୋକ୍ସେବା ଭବନ୍ ପରିସର୍ନୁ ଆଭାସୀ ଜରିଏ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଯୋଗ୍ ଦେଇଥିଲେ । ନୂଆଦିଲ୍ଲୀ କାର୍ଯ୍ୟକ୍ରମ୍ଥି କେନ୍ଦ୍ର ଜଲ୍ଶକ୍ତି ମନ୍ତ୍ରୀ ସି.ଆର୍.ପାଟିଲ୍ ଆଉ ବିଭାଗ୍ର ରାଷ୍ଟ୍ରମନ୍ତ୍ରୀ ବି.ସୋମନ୍ନା ଉପସ୍ଥିତ୍ ଥିଲେ । ସୂଚ୍ନା ଅନ୍ସାରେ ଜଲ୍ଜୀବନ୍ ମିଶନ୍କେ ୨୦୨୮ ମସିହାତକ୍ କାର୍ଯ୍ୟକାରୀ କର୍ବାର୍ ଲାଗି କିଛିଦିନ୍ ଆଘୋନୁ କେନ୍ଦ୍ର କେବିନେଟ୍ ମଞ୍ଜୁର୍ କରିଛେ । ଜଲ୍ଜୀବନ୍ ମିଶନ୍ ଜରିଏ ଦେଶର୍ ୭୩ ଦଶ୍ମିକ୍ ୩ ପ୍ରତିଶତ୍ ପରିବାର୍କେ ପାଇପ୍ ଜରିଏ ପିଇବାର୍ ପାଏନ୍ ଯୁଗେଇ ଦିଆଯାଇଛେ । ମିଶନ୍ର ୨ ନମ୍ବର୍ ଖେପ୍ଥି ଯୋଜ୍ନାକେ ଓଡ଼ିଶା ନ ଆହୁରି ବର୍କସ୍ କର୍ବାର୍ ଲାଗି ରାଜ୍ୟ ସର୍କାର୍ଙ୍କର୍ ତର୍ଫୁ ରୋଡ୍ମେପ୍ ତିଆର୍ କରାଯାଇଛେ ବଲି ଇ ଅବ୍ସରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ ।

ମିଶନ୍ ଶକ୍ତି - ସୁଧରିହାତି ଏକ୍ସ

ମିଶନ୍ ଶକ୍ତି ବିଭାଗ୍ ତର୍‌ଫୁ ଆଏଜ୍ ରାଜ୍ୟର୍ ସ୍ୱୟଂ ସହାୟକ ଗୋଷ୍ଠୀ ଆଉ ମହାସଂଘ ମାନ୍‌କୁ ସୁଧ ରିହାତି ସଙ୍ଗେ ରିଭଲ୍‌ଭିଂ ଫଣ୍ଡ, ଗୋଷ୍ଠୀ ବିନିଯୋଗ୍ ପାଣ୍ଠି ଆଉ ସାମାଜିକ୍ ସୁରକ୍ଷା ପାଣ୍ଠି ପ୍ରଦାନ୍ କରାଯାଇଛେ । ଭୁବ୍‌ନେଶ୍ୱର୍ ମିଶନ୍ ଶକ୍ତି ଭବନ୍ ପରିସର୍ ନ ଗୁଟେ ଖାସ୍ କାର୍ଯ୍ୟକ୍ରମ୍ ଜରିଏ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ରାଜ୍ୟର୍ ୨ ଲାଖ୍ ୭୬ ହଜାର୍‌ନୁ ଅଏତ୍‌କା ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ୨ ଶହ ୮ କୋଟି ୩୫ ଲାଖ୍ ଟଙ୍କାର୍ ସୁଧ ଛାଡ୍ ଟଙ୍କା ବାଂଟିଛନ୍ । ରଣର୍ ସୁଧ ଫିରାବାର୍‌ନୁ ମହିଳାମାନ୍‌କର୍ ଉଦ୍ୟୋଗୀ ହେବାର୍ ସପନ୍ ସାକାର୍ ହେଇପାର୍‌ବା ବଲି ଇ ଅବ୍‌ସରେ ଶ୍ରୀମତୀ ପରିଡ଼ା କହିଛନ୍ ।

ବିଦ୍ୟୁତ୍ ଟାରିଫ୍ ଅପରିବର୍ତ୍ତିତ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ୍ ତରଫ୍ରୁ ୨୦୨୬-୨୭ ଆର୍ଥିକ୍ ବଛର୍ ଲାଗି ଭିଲ୍ ବିଦ୍ୟୁତ୍ ଟାରିଫ୍ ଅପରିବର୍ତିତ୍ ରଖାଯାଇଛେ । ଇତାର୍ସହେତେ ଲଗାତାର୍ ୫ ବଛର୍ ହେଲା ରାଏଜେ ଖୁଚୁରା ବିଦ୍ୟୁତ୍ ମୂଲ୍ୟ ବଢ଼ା ନାଇଁ ଯାଇ । ଇ ବାବ୍ଦେ ବିଦ୍ୟୁତ୍ ନିୟାମକ ଆୟୋଗ୍ର ନିର୍ଦ୍ଦେଶକ ପ୍ରିୟବ୍ରତ ପଟ୍ଟନାୟକ୍ ସୂଚ୍ନା ଦେଇକରି କହିଛନ୍, ଇଥର ବିଦ୍ୟୁତ୍ ବିତରକ କମ୍ପାନୀମାନେ କରୁଥିବା ଖର୍ଚ୍ଚା ବାବ୍ଦେ ସିଏଜି ଅଡିଟ୍ କରାଯିବା । ଇତାର୍ସହେତେ ୫୦ ପ୍ରତିଶତ୍ନୁ ଅଏତ୍କା କ୍ଷତି ସହୁଥିବା ଫିଡ଼ର୍ମାନ୍କେ ସ୍ମାର୍ଟ ମିଟର୍ ଲଗାଯିବା । ସ୍ମାର୍ଟ ମିଟର୍କେ ନେଇକରି ଉପଭୋକ୍ତାମାନ୍କର୍ ତର୍ଫୁ ହଉଥିବା ଅଭିଯୋଗ୍କେ ନଜର୍ଥି ରଖିକରି ସ୍ମାର୍ଟ ମିଟର୍ ସଫ୍ଟୱେର୍ ମାନ୍କର୍ ଅଡିଟ୍ ତୃତୀୟ ପକ୍ଷ କମ୍ପାନୀ ତର୍ଫୁ କରାଯିବା । ୧୦ କିଲୋୱାଟ୍ନୁ ଅଏତ୍କା ବିଜ୍ଲି ବେଭାର୍ କରୁଥିବା ଉପଭୋକ୍ତାମାନେ ଦିନର୍ ୧୦ ନୁ ଉପର୍ବେଲା ୪ ବଜେ ଭିତ୍ରେ ବେଶି ବିଜ୍ଲି ବେଭାର୍ କଲେ ୧୦ ପ୍ରତିଶତ୍ ରିହାତି ଦିଆଯିବା । ଧାରିଜ୍ ସମିଆଥି ଅନ୍ଲାଇନ୍ ଜରିଏ ବିଲ୍ ଜମା କଲେ ଉପଭୋକ୍ତାମାନ୍କୁ ୪ ପ୍ରତିଶତ୍ ଛାଡ଼୍ ମିଲ୍ବା ବଲି ଶ୍ରୀ ପଟ୍ଟନାୟକ୍ କହିଛନ୍ ।

ଅଗ୍ନି ନିରାପତା ସମୀକ୍ଷା        ସମ୍ବଲପୁର ସମ୍ବାଦଦାତା

ବୁର୍ଲା ଭୀମ୍‌ସାର୍ ନ ଅଗ୍ନି ନିରାପତା ଲାଗି ଆଏବା ଦିନେ କୃତ୍ରିମ ବୁଦ୍ଧିମତାର ସାହାଜ୍ ନିଆଯିବା ବଲି ଅଗ୍ନିଶମ ସେବା ମହାନିର୍ଦ୍ଦେଶକ ଡକ୍ଟର୍ ସୁଧାଂଶୁ ଷଡ଼ଙ୍ଗୀ କହିଛନ୍ । ଭୀମ୍‌ସାର୍ ପରିସର୍ ନ ଆଏଜ୍ ଅଗ୍ନି ନିରାପତା ବ୍ୟବସ୍ଥାର୍ ସମୀକ୍ଷା କରିକରି ଶ୍ରୀ ଷଡ଼ଙ୍ଗୀ ଭୀମ୍‌ସାର୍ ବାଗିର୍ ଗୁଟେ ପୁର୍‌ନା ଡାକ୍ତର୍‌ଖାନା ନ ସବୁ ଦିଗ୍‌କେ ଚିନ୍ତା କରିକରି ପଦକ୍ଷେପ୍ ନେବାର୍‌କେ ପରାମର୍ଶ ଦେଇଛନ୍ । ଏଆଇ କେମ୍‌ରା ଲାଗ୍‌ଲେ ନିଆଁକେ ଆଏତ୍ କର୍‌ବାର୍ ଲାଗି ବହୁତ୍ ସାହାଜ୍ ମିଲବା ବଲି ଶ୍ରୀ ଷଡ଼ଙ୍ଗୀ କହିଛନ୍ ।

ମନ୍ କି ବାତ୍        ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ

କର୍‌ବେ । ଇଟା ତାଙ୍କର୍ ଶହେ ୩୨ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍ ଆଉ ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇତାର୍ ସିଧା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା ।

ଯକ୍ଷ୍ମା ଦିବସ୍          ଆର୍‌ଏନ୍‌ୟୁ ସମ୍ବଲପୁର୍

ସଂକ୍ରାମକ ରୋଗ୍ ଯକ୍ଷ୍ମା- ଟିବି ବାବ୍‌ଦେ ଲୋକ୍‌ମାନ୍‌କର୍ ଭିତ୍‌ରେ ସଚେତନତା ସୃଷ୍ଟି ଲାଗି ଫି ବଛର୍ ମାର୍ଚ୍ଚ ୨୪ ତାରିଖ୍‌କେ ବିଶ୍ୱ ଯକ୍ଷ୍ମା ଦିବସ୍ ପାଲନ୍ କରାଯାଉଛେ । ଇ ବଛର୍ ବିଶ୍ୱ ଯକ୍ଷ୍ମା ଦିବସ୍‌ର ବାର୍ତା ରହିଛେ 'ଦେଶ୍‌ମାନ୍‌କର୍ ନେତୃତ୍ୱ ଆଉ ଜନ ସହଯୋଗ୍ ବଲେ ଆମେ ଯକ୍ଷ୍ମା ରୋଗ୍‌କେ ଶେଷ୍ କର୍‌ମା' ।

୨୦୩୦ ତକ୍ ପୁର୍ଥିନୁ ଯକ୍ଷ୍ମା ଦୂର୍ କର୍ବାର୍ ଲାଗି ମିଲିତ ଜାତିସଂଘ ଲକ୍ଷ୍ୟ ରଖିଛେ । ଇ ଲକ୍ଷ୍ୟ ହାସଲ୍ କର୍ବାର୍ ଲାଗି ଭାରତ୍ ସର୍କାର୍ଙ୍କର୍ ତର୍ଫୁ ଭିଲ୍ ବହୁତ୍ଟେ ପଦକ୍ଷେପ୍ ନିଆଯାଉଛେ ।

ରାଜ୍ୟ ସର୍କାର୍ ନିକ୍ଷୟ ପୋଷଣ ଯୋଜ୍ନାଥି ପୁଷ୍ଟିକର ଆହାର ଲାଗି ଆର୍ଥିକ୍ ସାହାଜ୍ ଯୁଗେଇ ଦଉଛନ୍ । ଡାକ୍ତର୍ଖାନାମାନ୍କେ ଟ୍ରୁନାଟ୍ ମିସିନ୍ ଜରିଏ ଯକ୍ଷ୍ମା ରୋଗ୍ର ପରୀକ୍ଷା କରାଯାଇକରି ସଂକ୍ରମିତ୍ ମାନ୍କୁ ମାହାଲିଆ ଉଷୋ ଦିଆଯାଉଛେ । ୨ ହପ୍ତାନୁ ଅଏତ୍କା ସମିଆତକ୍ ଖାସି ହେଲେ ତୁର୍ତି ପରୀକ୍ଷା କରାବାର୍କେ ସ୍ୱାସ୍ଥ୍ୟ ବିଭାଗ୍ ତର୍ଫୁ କୁହାଯାଇଛେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଯକ୍ଷ୍ମା ଦିବସ୍ ଅବ୍ସରେ ରାଜ୍ୟ ସର୍କାର୍ ଟିବି ମୁକ୍ତ ଓଡ଼ିଶା ଗଠନ୍ ଲାଗି ପ୍ରତିବଦ୍ଧ ଆନ୍ ବଲି କହିଛନ୍ । ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ଇ ଦିବସ୍ ଅବ୍ସରେ ବ୍ୟାପକ୍ ଜନସଚେତନତା ସୃଷ୍ଟି କର୍ବାର୍ ସହେତେ ସମ୍କର୍ ଚେରେଷ୍ଟାଥି ଯକ୍ଷ୍ମାମୁକ୍ତ ଭାରତ୍ ଗଠନ୍ ସମ୍ଭବ୍ ଆଏ ବଲି କହିଛନ୍ ।

ବୌଦ୍ଧ-ବିଶ୍ୱ ଯକ୍ଷ୍ମା ଦିବସ       ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଟାଉନ୍‌ହଲ୍ ପରିସର୍ ନ ଜିଲ୍ଲାସ୍ତରୀୟ ବିଶ୍ୱ ଯକ୍ଷ୍ମା ଦିବସ୍ ଅବ୍‌ସରେ ଗୁଟେ ସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର୍ ମହେନ୍ଦ୍ର କୁମାର୍ ସାହୁ ଅଧ୍ୟକ୍ଷତା କରିଥିଲେ । ପୌରାଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ ।

ନୃସିଂହଗୁରୁ ଜୟନ୍ତୀ        ଆର୍‌ଏନ୍‌ୟୁ/ ସମ୍ବଲପୁର

ପଶ୍ଚିମ୍ ଓଡ଼ିଶାର୍ ଗାନ୍ଧୀ କୁହାଯାଉଥିବା ସ୍ୱାଧୀନତା ସଂଗ୍ରାମୀ ଆଉ ସାମ୍ବାଦିକ ନୃସିଂହଗୁରୁଙ୍କର୍ ଶହେ ୨୫ ନମ୍ବର୍ ଜୟନ୍ତୀ ଆଏଜ୍ ପାଲିତ୍ ହେଇଯାଇଛେ । ସମ୍ବଲ୍‌ପୁର୍ ମନ୍ଦ୍‌ଲିଆ ନୃସିଂହଗୁରୁ ପାର୍କ ନ ଥିବା ତାଙ୍କର୍ ପ୍ରତିମୂର୍ତ୍ତିଥି ଇ ଅବ୍‌ସରେ ଅତିଥି ମାନେ ଫୁଲ୍‌ମାଲା ଚଢ଼େଇକରି ଶ୍ରଦ୍ଧାଞ୍ଜଳି ଜନେଇଥିଲେ । ଇ ଅବ୍‌ସରେ ବିଶିଷ୍ଟ ଶିକ୍ଷାବିତ୍ ଆଦିତ୍ୟ ପ୍ରସାଦ୍ ପାଢ଼ୀ, ଆଘର୍ ସାଂସଦ୍ ଭବାନୀଶଙ୍କର୍ ହୋତା, ବରିଷ୍ଠ ସାମ୍ବାଦିକ ହେମନ୍ତ

କୁମାର୍ ମହାପାତ୍ରଙ୍କର୍ ସହେତେ ବହୁତ୍ ବିଶିଷ୍ଟ ବ୍ୟକ୍ତି ଯୋଗ୍ ଦେଇଥିଲେ ।

ନୃସିଂହନାଥ-ବୈଶାଖ୍ ମେଳା        ବର୍ଗଡ୍ ସମ୍ବାଦଦାତା

ବର୍ଗଡ୍ ଜିଲ୍ଲା ପାଇକ୍ମାଲ୍ ର ପ୍ରସିଦ୍ଧ ନୃସିଂହନାଥ ପୀଠ ନ ଆଏବା ମାସ ୨୭ ନୁ ମେ ୧ ତାରିଖ୍ତକ୍ ବୈଶାଖ୍ ମେଲାର୍ ଆୟୋଜନ୍ କରାଯିବା । ମେଲା ଆୟୋଜନ୍ ଲାଗି ପ୍ରଶାସନ୍ ତର୍ଫୁ ଆଏଜ୍ ହେଇଥିବା ପ୍ରସ୍ତୁତି ବୈଠକ୍ଥି ଇ ବାବ୍ଦେ ନିଷ୍ପତି ନିଆଯାଇଛେ । ଇ ବଛର୍ ମେଳାକେ ଶାନ୍ତିଶୃଙ୍ଖଲା ସହେତେ ଜାକ୍ଜମକ୍ଥି ପାଳନ୍ କର୍ବାର୍ ଲାଗି ଧାରିଜ୍ କରାଯାଇଛେ । ଇଥିର୍ଲାଗି ପ୍ରଶାସନ୍ ତର୍ଫୁ ସବୁ ବ୍ୟବସ୍ଥା କର୍ବାର୍ ଲାଗି ଭିନ୍ ଭିନ୍ ବିଭାଗ୍କେ ନିର୍ଦ୍ଦେଶ୍ ଦିଆଯାଇଛେ ।

ଜନଗଣନା ତାଲିମ୍        ଦେବ୍ଗଡ୍ ସମ୍ବାଦଦାତା

ଆଏବା ବଛର୍ ହେବାର୍‌କେ ଥିବା ଜନଗଣନା ଲାଗି ଦେବ୍‌ଗଡ଼୍ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଜନଗଣନା ଅଧିକାରୀ ଆଉ ପର୍ଯ୍ୟବେକ୍ଷକ ମାନ୍‌କର୍ ତାଲିମ୍ କାର୍ଯ୍ୟକ୍ରମ୍ ଆଏଜ୍ ମୁଲ୍ ହେଇଛେ । କାର୍ଯ୍ୟକ୍ରମ୍ ଆଏବା ୨୬ ତାରିଖ୍‌ତକ୍ ଚାଲ୍‌ବା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଆଏବା ୩ ଦିନ୍ ଭିତ୍‌ରେ ରାଏଜେ ଦିନର୍ ତାପମାତ୍ରା ୨ ନୁ ୪ ଡିଗ୍ରୀ ସେଲ୍‌ସିଅସ୍‌ତକ୍ ବଢ଼ିପାରେ । ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ କେତେଟା ଜାଗା ନ କାଲ୍‌ବୈଶାଖୀ ପ୍ରଭାବ୍‌ଥି ହାଲ୍‌କା ନୁ ମଧମ୍ ଧରଣ୍‌ର ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ରାଜ୍ୟର୍ ବଡ଼ଭାଗୀ ଜାଗା ନ ଆଏଜ୍ ରାଜ୍ୟର୍ ତାପମାତ୍ରା ୩୫ ଡିଗ୍ରୀ ଉପ୍‌ରେ ରହିଥିଲା । ଟିଟିଲାଗଡ୍ ନ ସବୁନୁ ଜହ ତାପମାତ୍ରା ୩୮ ଦଶ୍‌ମିକ୍ ୫ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ୍ କରାଯାଇଛେ ।